## ଇଗ୍ନୋର ୩୫ତମ ସମାବର୍ତ୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀ

# ଭାରତ ଜ୍ଞାନ ଆଧାରିତ ଅର୍ଥନୀତିର ସୁପର ପାୱାର ହେବ




■ ନୂଆଦିଲ୍ଲୀ, ତା ୨୬।୪

ଏକବିଂଶ ଶତାବ୍ଦୀ ଜ୍ଞାନର ଶତାବ୍ଦୀ। ଯଦି ଭାରତକୁ ଆମେ ଜ୍ଞାନ ଆଧାରିତ ଅର୍ଥନୀତିର ସୁପର ପାୱାର ଭାବରେ ପ୍ରତିଷ୍ଠିତ କରିବାକୁ ଚାହୁଁଛେ ତେବେ ଆମକୁ ଶିକ୍ଷାର ଦୃଷ୍ଟିପଟ୍ଟରେ ପରିବର୍ତ୍ତନ ଆଣିବାକୁ ହେବ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀଠାରେ ଇଗ୍ନୋର ୩୫ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ରାଷ୍ଟ୍ରୀୟ ଶିକ୍ଷାନୀତି ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରଯୁକ୍ତିବିଦ୍ୟା ନୂଆ ସୁଯୋଗ ଭାବରେ ଉଭା ହୋଇଛି। ଆମକୁ ଆମ ଜନସଂଖ୍ୟା ବିଶେଷ ଭାବରେ ସମାଜର ଶେଷ ଶ୍ରେଣୀରେ ଥିବା ଲୋକଙ୍କୁ ନବସୃଜନ ଦ୍ୱାରା ସଶକ୍ତ କରିବାକୁ ହେବ। ସବୁଠି ଶିକ୍ଷା ଉପଲବ୍ଧି କରିବାକୁ ହେବ ଏବଂ ଡିଜିଟାଲ ବିଶ୍ୱବିଦ୍ୟାଳୟ ଓ ଇ-ଲର୍ଣ୍ଣିଂ ଏ ଉଦ୍ଦେଶ୍ୟରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ।

ଆମ ସଭ୍ୟତାର ବୌଦ୍ଧିକ ସମ୍ପତ୍ତି ଆମ ଶିକ୍ଷା ବ୍ୟବସ୍ଥା। 'ବସୁଧୈବ କୁଟୁମ୍ବକମ' ପଥରେ ଆମ ସଭ୍ୟତାର ବୌଦ୍ଧିକ ସମ୍ପତ୍ତି ଓ ଭାରତୀୟ ଶିକ୍ଷା ବ୍ୟବସ୍ଥାର ଅପାର କ୍ଷମତାକୁ ଏକତ୍ରିତ କରିବାକୁ ପଡ଼ିବ। ଏହାଦ୍ୱାରା ଶିକ୍ଷା କ୍ଷେତ୍ର ଅଧିକ ସାମଗ୍ରିକ ହେବ ଏବଂ ବିଶ୍ୱର ମଙ୍ଗଳ ହୋଇପାରିବ। ଜାତୀୟ ଶିକ୍ଷାନୀତିରେ ଥିବା ମଲଟିପଲ ଏଣ୍ଟ୍ରି, ମଲଟିପଲ ଏକଜିଟରେ ଇଗ୍ନୋ ଏକ ପ୍ରମୁଖ ଉଦାହରଣ। ଶିକ୍ଷା ଏବଂ ପାଠପଢ଼ା ସମୟରେ ରୋଜଗାର କରିବା ପାଇଁ ପ୍ରୋତ୍ସାହିତ କରିବା ଏହାର ଆମ ବିଶ୍ୱବିଦ୍ୟାଳୟର ଉଦ୍ଦେଶ୍ୟ ହେବା ଉଚିତ। ଇଗ୍ନୋ ଶିକ୍ଷା ତଥା ଶିକ୍ଷାଦାନକୁ ଦେଶର ଦୁର୍ଗମ ଅଞ୍ଚଳ ଓ ଗରିବ ଲୋକଙ୍କ ପାଖରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଇଗ୍ନୋ ପ୍ରଯୁକ୍ତିବିଦ୍ୟା, ନବସୃଜନ, ଇଣ୍ଟରନେଟ ଏବଂ ଡିଜିଟାଲ ପ୍ଲାଟଫର୍ମକୁ ବ୍ୟବହାର କରି ଶିକ୍ଷାର ପରିଧିକୁ ଆହୁରି ବ୍ୟାପକ କରିବା ଦରକାର। ଇ-ପାଠ୍ୟକ୍ରମକୁ ଆହୁରି ସୁଦୃଢ଼ କରୁ ଏବଂ ବିଶ୍ୱରେ ଜ୍ଞାନର କେନ୍ଦ୍ର ଭାବରେ ଏକ ବେଞ୍ଚମାର୍କ ଭାବରେ ଉଭା ହେବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି।

ଏହି ଅବସରରେ ଦେଶର ୩୨ଟି ଆଞ୍ଚଳିକ କେନ୍ଦ୍ରର ୨ ଲକ୍ଷ ୯୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ, ଡିପ୍ଲୋମା, ସାର୍ଟିଫିକେଟ, ପିଏଚଡି, ଏମଫିଲ ଓ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଥିଲା।

## ଇଗ୍ନୋର ୩୫ତମ ସମାବର୍ତ୍ତନ ସମାରୋହ

# ଶିକ୍ଷା ଦ୍ୱାରା ହିଁ ଅର୍ଥନୀତିର ସୁପର ପାୱାର ହେବ ଭାରତ: ଧର୍ମେନ୍ଦ୍ର ପ୍ରଧାନ




ଭୁବନେଶ୍ୱର,୨୬/୪(ଇମିସ): ଏକବିଂଶ ଶତାବ୍ଦୀ ଜ୍ଞାନର ଶତାବ୍ଦୀ। ଯଦି ଭାରତକୁ ଆମେ ଜ୍ଞାନ ଆଧାରିତ ଅର୍ଥନୀତିର ସୁପର ପାୱାର ଭାବରେ ପ୍ରତିଷ୍ଠିତ କରିବାକୁ ଚାହୁଁଛେ ତେବେ ଆମକୁ ଶିକ୍ଷାର ଦୃଶ୍ୟପଟରେ ପରିବର୍ତ୍ତନ ଆଣିବାକୁ ପଡ଼ିବ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ)ର ୩୫ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଲେ ରାଷ୍ଟ୍ରୀୟ ଶିକ୍ଷା ନୀତି ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରଯୁକ୍ତିବିଦ୍ୟା ନୂଆ ସୁଯୋଗ ଭାବେ ଉଭା ହୋଇଛି। ଆମକୁ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କୁ ନବସୃଜନ ଦ୍ୱାରା ସଶକ୍ତ କରିବାକୁ ପଡ଼ିବ। ସବୁଠି ଶିକ୍ଷା ଉପଲବ୍ଧି କରିବାକୁ ହେବ। ଡିଜିଟାଲ ବିଶ୍ୱବିଦ୍ୟାଳୟ ଓ ଇ-ଲର୍ଣ୍ଣିଂ ଏ ଉଦ୍ଦେଶ୍ୟରେ ଏକ ବଡ଼ ପଦକ୍ଷେପ।

ଆମ ସଭ୍ୟତାର, ବୌଦ୍ଧିକ ସମ୍ପତ୍ତି ହେଉଛି ଆମ ଶିକ୍ଷା ବ୍ୟବସ୍ଥା। 'ବସୁଧୈବ କୁଟୁମ୍ବକମ' ପଥରେ ଆମ ସଭ୍ୟତାର ବୌଦ୍ଧିକ ସମ୍ପତ୍ତି ଓ ଭାରତୀୟ ଶିକ୍ଷା ବ୍ୟବସ୍ଥାର ଅପାର କ୍ଷମତାକୁ ଏକତ୍ରିତ କରିବାକୁ ପଡ଼ିବ। ଏହାଦ୍ୱାରା ଶିକ୍ଷା କ୍ଷେତ୍ର ଅଧିକ ସାମଗ୍ରିକ ହେବ। ବିଶ୍ୱର ମଙ୍ଗଳ ହୋଇପାରିବ। ଜାତୀୟ ଶିକ୍ଷା ନୀତିରେ ଥିବା ମଲଟିପଲ ଏଣ୍ଟ୍ରି, ମଲଟିପଲ ଏଗ୍ଜିଟରେ ଇଗ୍ନୋ ଏକ ପ୍ରମୁଖ ଉଦାହରଣ। ଶିକ୍ଷା ଓ ପାଠପଢ଼ା ସମୟରେ ରୋଜଗାର ପାଇଁ ପ୍ରୋତ୍ସାହିତ କରିବା ଆମ ବିଶ୍ୱବିଦ୍ୟାଳୟର ଉଦ୍ଦେଶ୍ୟ ହେବା ଉଚିତ୍। ଇଗ୍ନୋ ଶିକ୍ଷା ତଥା ଶିକ୍ଷାଦାନକୁ ଦେଶର ଦୁର୍ଗମ ଅଞ୍ଚଳ ଓ ଗରିବ ଲୋକଙ୍କ ପାଖରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଇଗ୍ନୋ ପ୍ରଯୁକ୍ତିବିଦ୍ୟା, ନବସୃଜନ, ଇଣ୍ଟରନେଟ୍ ଓ ଡିଜିଟାଲ ପ୍ଲାଟଫର୍ମକୁ ବ୍ୟବହାର କରି ଶିକ୍ଷା ପରିଧିକୁ ଆହୁରି ବ୍ୟାପକ କରିବା ଦରକାର। ଇ-ପାଠ୍ୟକ୍ରମକୁ ଆହୁରି ସୁଦୃଢ଼ କରୁ। ବିଶ୍ୱରେ ଜ୍ଞାନର କେନ୍ଦ୍ର ଭାବେ ଏକ ବେଞ୍ଚମାର୍କ ଭାବରେ ଉଭା ହେବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି।

**୩୨ଟି ଆଞ୍ଚଳିକ କେନ୍ଦ୍ରର ୨ ଲକ୍ଷ ୯୧ ହଜାର ପିଲାଙ୍କୁ ଡିଗ୍ରି**

ସମାବର୍ତ୍ତନ ସମାରୋହ ଅବସରରେ ଦେଶର ୩୨ଟି ଆଞ୍ଚଳିକ କେନ୍ଦ୍ରର ୨ ଲକ୍ଷ ୯୧ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଡିଗ୍ରି, ଡିପ୍ଲୋମା, ସାର୍ଟିଫିକେଟ, ପିଏଚଡି, ଏମ୍‌ଫିଲ ଓ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡିଜିଟାଲ କ୍ଷେତ୍ରରେ ସୁଦୃଢ଼ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ୯୪୫୨ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରାଯାଇଥିଲା।

27-04-2022 07:16

# ଭୁବନେଶ୍ୱର

ଇଗ୍ନୋର ୩୫ତମ ସମାବର୍ତ୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

## ଶିକ୍ଷା ଦ୍ୱାରା ଭାରତ ହେବ ସୁପର ପାୱାର

- ଇଗ୍ନୋ ଡିଜିଟାଲ ପ୍ଲାଟଫର୍ମକୁ ବ୍ୟବହାର କରି ଶିକ୍ଷା ପରିଧିକୁ ଆହୁରି ବ୍ୟାପକ କରିବା ଆବଶ୍ୟକ
- ଦେଶର ୨ ଲକ୍ଷ ୯୧ ହଜାର ଛାତ୍ରଛାତ୍ରୀଙ୍କୁ ଉପାଧି ପ୍ରଦାନ
- ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରରୁ ୯୪୫୨ ଛାତ୍ରଛାତ୍ରୀଙ୍କୁ ଉପାଧି




ଉପାଧି ପାଇଥିବା ଛାତ୍ରଛାତ୍ରୀଙ୍କ ଗହଣରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୨୬।୪(ବ୍ୟୁରୋ): ଏକବିଂଶ ଶତାବ୍ଦୀ ଜ୍ଞାନର ଶତାବ୍ଦୀ। ଯଦି ଭାରତକୁ ଆମେ ଜ୍ଞାନ ଆଧାରିତ ଅର୍ଥନୀତିର ସୁପର ପାୱାର ଭାବରେ ପ୍ରତିଷ୍ଠିତ କରିବାକୁ ଚାହୁଁଛେ ତେବେ ଆମକୁ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ହେବ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ନୂଆଦିଲ୍ଲୀଠାରେ ମଙ୍ଗଳବାର ଆୟୋଜିତ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ୩୫ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ରାଷ୍ଟ୍ରୀୟ ଶିକ୍ଷା ନୀତି ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରଯୁକ୍ତିବିଦ୍ୟା ନୂଆ ସୁଯୋଗ ଭାବରେ ଉଭା ହୋଇଛି। ସବୁଠି ଶିକ୍ଷା ଉପଲବ୍ଧ କରିବାକୁ ହେବ ଏବଂ ଡିଜିଟାଲ ବିଶ୍ୱବିଦ୍ୟାଳୟ ଓ ଇ-ଲର୍ଣ୍ଣିଂ ଏ ଉଦ୍ଦେଶ୍ୟରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ସେହିପରି ଶିକ୍ଷା ତଥା ଶିକ୍ଷାଦାନକୁ ଦେଶର ଦୁର୍ଗମ ଅଞ୍ଚଳ ଏବଂ ଗରିବ ଲୋକଙ୍କ ପାଖରେ ପହଞ୍ଚାଇବାରେ ଇଗ୍ନୋ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ।

ଏହି ସମାରୋହରେ ଦେଶର ୩୨ଟି ଆଞ୍ଚଳିକ କେନ୍ଦ୍ରର ୨ ଲକ୍ଷ ୯୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ, ଡିପ୍ଲୋମା, ସାର୍ଟିଫିକେଟ, ପିଏଚଡି, ଏମ୍‌ଫିଲ୍ ଓ ଗୋଲ୍ଡ ମେଡ଼ାଲ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ସମାବର୍ତ୍ତନ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗଦେଇ କେନ୍ଦ୍ରର ୯ ହଜାର ୪ ଶହ ୫୨ ଜଣ ଛାତ୍ରଛାତ୍ରୀଙ୍କୁ ଉପାଧି ପ୍ରଦାନ କରିଥିଲେ। କେନ୍ଦ୍ରର ନିର୍ଦ୍ଦେଶକ ଡ.ସୁରେଶ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଉପ ନିର୍ଦ୍ଦେଶକ ଡ.ବିମଳ ଚନ୍ଦ୍ର ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଉପନିର୍ଦ୍ଦେଶକ ଡ.ସନ୍ତୋଷ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।




## ନନ୍ଦନକାନନରେ ଭାଲୁ 'ଆକାଶ'ର ମୃତ୍ୟୁ



ବାରଙ୍ଗ,୨୬।୪(ଆପ୍ର): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମଙ୍ଗଳବାର ସାଢ଼େ ୪ ବର୍ଷର ଏକ ଅଣ୍ଡିରା ଭାଲୁ 'ଆକାଶ'ର ମୃତ୍ୟୁ ହୋଇଛି। ଭାଲୁଟି ନିମୋନିଆ ଆକ୍ରାନ୍ତ ଥିବାରୁ କିଛିଦିନ ହେବ ତା'ର ଚିକିତ୍ସା ଜାରି ରହିଥିଲା। ସେ ଠିକ୍‌ରେ ଖାଦ୍ୟ ଗ୍ରହଣ କରୁନଥିବାରୁ ଦୁର୍ବଳ ହୋଇଯାଇଥିଲା।

### ନିମୋନିଆରେ ଆକ୍ରାନ୍ତ ଥିଲା

ସ୍ୱାସ୍ଥ୍ୟବସ୍ଥା ଗମ୍ଭୀର ହେଉଥିବା ଲକ୍ଷ୍ୟ କରି ପ୍ରାଣୀ ଉଦ୍ୟାନ ...

ଭାଲୁର ମୃତ୍ୟୁ ଖବର ପାଇ ନନ୍ଦନକାନନ ନିର୍ଦ୍ଦେଶକ ...

## ଇଗ୍ନୋର ୩୫ତମ ସମାବର୍ତ୍ତନ ସମାରୋହ

# ଅର୍ଥନୀତିର ସୁପର ପାୱାର ହେବ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ: ଏକବିଂଶ ଶତାବ୍ଦୀ ଜ୍ଞାନର ଶତାବ୍ଦୀ । ଯଦି ଭାରତକୁ ଆମେ ଜ୍ଞାନ ଆଧାରିତ ଅର୍ଥନୀତିର ସୁପର ପାୱାର ଭାବରେ ପ୍ରତିଷ୍ଠିତ କରିବାକୁ ଚାହୁଁଛେ । ତେବେ ଆମକୁ ଶିକ୍ଷାର ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବାକୁ ହେବ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀ ଠାରେ ମଙ୍ଗଳବାର ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ୩୫ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି, ରାଷ୍ଟ୍ରୀୟ ଶିକ୍ଷା ନୀତି ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରଯୁକ୍ତିବିଦ୍ୟା ଦ୍ୱାରା ସୁଯୋଗ ଭାବରେ ଭରା ହୋଇଛି । ଆମକୁ ଆମ ଜନସଂଖ୍ୟା ବିଶେଷ ଭାବରେ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କୁ ନବସୃଜନ ଦ୍ୱାରା ସକ୍ଷମ କରିବାକୁ ହେବା ସହିତ ଶିକ୍ଷା ଉପଲବ୍ଧ କରିବାକୁ ହେବ ଏବଂ ଡିଜିଟାଲ ବିଶ୍ୱବିଦ୍ୟାଳୟ ଓ ଇ-ଲର୍ଣ୍ଣିଂ ଏ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ଆମ ସଭ୍ୟତାର ବୌଦ୍ଧିକ ସମ୍ପତ୍ତି ଆମ ଶିକ୍ଷା ବ୍ୟବସ୍ଥା 'ବସୁଧୈବ କୁଟୁମ୍ବକମ' ଉପରେ ଆମ ସଭ୍ୟତାର ବୌଦ୍ଧିକ ସମ୍ପତ୍ତି ଓ ଭାରତୀୟ ଶିକ୍ଷା ବ୍ୟବସ୍ଥାର ଅପାର କ୍ଷମତାକୁ ଏକତ୍ରିତ କରିବାକୁ ପଡ଼ିବ। ଏହା ଦ୍ୱାରା ଶିକ୍ଷା କ୍ଷେତ୍ର ଅଧିକ ସାମଗ୍ରିକ ହେବ ଏବଂ ବିଶ୍ୱର ନୂଆ ରୋଜଗାରିକା ଭାରତୀୟ ଶିକ୍ଷା ନୀତିରେ ଥିବା ମଲଟିପଲ ଏଣ୍ଟ୍ରି, ମଲଟିପଲ ଏକ୍ଜିଟରେ ଇଗ୍ନୋ ଏକ ପ୍ରମୁଖ ଉଦାହରଣ। ଶିକ୍ଷା ଏବଂ ପାଠପଢ଼ା ସମୟରେ ରୋଜଗାର



କରିବା ପାଇଁ ପ୍ରୋତ୍ସାହିତ କରିବା ଆମ ବିଶ୍ୱବିଦ୍ୟାଳୟର ଉଦ୍ଦେଶ୍ୟ ହେବା ଉଚିତ୍ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଇଗ୍ନୋ ଶିକ୍ଷା ତଥା ଶିକ୍ଷାଦାନକୁ ଦେଶର ଦୁର୍ଗମ ଅଞ୍ଚଳ ଏବଂ ଗରିବ ଲୋକଙ୍କ ପାଖରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଇଗ୍ନୋ ପ୍ରଯୁକ୍ତିବିଦ୍ୟା, ନବସୃଜନ, ଉଦ୍ଭାବନ ଏବଂ ଡିଜିଟାଲ ପ୍ଲାଟଫର୍ମକୁ ବ୍ୟବହାର କରି ଶିକ୍ଷାର ପରିଧିକୁ ଆହୁରି ବ୍ୟାପକ କରିବା ଦରକାର। ଇ-ପାଠ୍ୟକ୍ରମକୁ ଆହୁରି ସୁଦୃଢ଼କରିବାକୁ ଏବଂ ବିଶ୍ୱରେ ଜ୍ଞାନର କେନ୍ଦ୍ର ଭାବରେ ଏକ ବେଞ୍ଚମାର୍କ ଭାବରେ ଉଭା ହେବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି ।

ଇଗ୍ନୋର ଏହି ସମାବର୍ତ୍ତନ ସମାରୋହରେ ଦେଶର ୩୨ଟି ଆଞ୍ଚଳିକ କେନ୍ଦ୍ରର ୨ ଲକ୍ଷ ୯୧ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ, ଡିପ୍ଲୋମା, ସାର୍ଟିଫିକେଟ, ପିଏଚଡି, ଏମଫିଲ ଓ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଥିଲା ।

...ଗରେ ହାଜର କରାଯିବା ପରେ ...ର ଜିମାରେ ଓଡ଼ିଶା ଅଣାଯାଇଛି। ...୦୨୧ ଅଗଷ୍ଟ ୭ରେ ମାଛକୁଣ୍ଡ ...ଏକ ଆଇଚର ଭ୍ୟାନରେ ୮୧୦ ...ାମ ଚୋରା ଗଞ୍ଜେଇ ଯାଉଥିବା ...ରିଥିଲା। ଦୁଇ ଜଣଙ୍କୁ ଗିରଫ ...ଇଥିଲା। ସେମାନଙ୍କ ଘର ...ଦେଶ ବୋଲି ଜଣାପଡ଼ିଥିଲା। ...ୋରି ଗଞ୍ଜେଇର ମୁଖ୍ୟ ...ାର ଶିବନାଥ ବୋଲି ...ଲା। ତା'ର ନିର୍ଦ୍ଦେଶରେ ଏହି ... ଚୋରା ଗଞ୍ଜେଇ ଧରି ...ଦେଶ ଯାଉଥିଲେ ବୋଲି ...ହିଥିଲେ। ସେବେଠାରୁ ...ଫେରାର ଥିଲା। ସ୍ୱତନ୍ତ୍ର ... ନିଶା କାରବାର ...ପଦକ୍ଷେପ ନେଇ ଦୁର୍ଦ୍ଦାନ୍ତ ...ଗିରଫ କରିବା ଲାଗି ଜାଲ

...ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଯୋଗଦେଇ ଚଳଚ୍ଚିତ୍ରର ଲେଖକ ଓ ନିର୍ଦ୍ଦେଶକ ଡ. ଶ୍ୱେତକୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ଓ ୫୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି।

ଏହି କ୍ଷୁଦ୍ର ଚଳଚ୍ଚିତ୍ରରେ, ଚୌଧୁରୀ ବିକାଶ ଦାସ, ମମତା ମହାନ୍ତି ନିଖୁଣ ଅଭିନୟ କରିଛନ୍ତି। ନୀଳା ମହାପାତ୍ରଙ୍କର ସୋସିଆଲ ଇମେଜ ଦ୍ୱାରା ନିର୍ମିତ ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. ଦାଶଙ୍କ ଦ୍ୱାରା ନିର୍ଦ୍ଦେଶିତ ଚଳଚ୍ଚିତ୍ରଟି ଅନେକ




ପୂର୍ବରୁ ଡ. ଦାଶଙ୍କ ଦ୍ୱାରା କରୋନା କାଳର କରୁଣ କାହାଣୀ 'ମାସ୍କ' ଏବଂ 'ଦି ହିଲିଂ ଟଚ୍' ଭଳି ଜନହିତରେ ଯୋଗ୍ୟ ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା। 'ଦି ହିଲିଂ ଟଚ୍' ୫୦ରୁ ଊର୍ଦ୍ଧ୍ୱ ଆନ୍ତର୍ଜାତିକ ପୁରସ୍କାର ପାଇଛି।

## ...ଦିଆଯାଉ

...ରି ନମ୍ବରୀ ଶ୍ରେଣୀରୁ ... ଏହି ସୁବିଧା ମିଳିବା ...ଦ୍ୱାରା ହଜାର ହଜାର ... ହେବେ। କେନ୍ଦ୍ର ...ସଦ ଓ ବିଭାଗୀୟ ...ଦ କରି ଦୃଷ୍ଟାନ୍ତ ...ଥିବାବେଳେ ଏହି ... ପିଲାଙ୍କୁ ନ୍ୟାୟ ... ବୋଲି ଓଡ଼ିଶା ...ଘ ପକ୍ଷରୁ ଦାବି ...ରତରେ ପ୍ରାୟ ... ବିଦ୍ୟାଳୟ ଓ ...ୀ ବିଦ୍ୟାଳୟରେ ... ପିଲା ତା'ଦ୍ୱାରା ...ପାରିବେ ବୋଲି ...ାଇଛି।

### ଇଗ୍ନୋର ସମାବର୍ତ୍ତନ ଉତ୍ସବ

# 'ସ୍ୱପ୍ନକୁ ଭୁଲିଯିବା ଉଚିତ ନୁହେଁ'

ଭୁବନେଶ୍ୱର, ୨୬।୪(ଆ.ପ୍ର): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ୩୫ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀ ଠାରେ ଦୀକ୍ଷାନ୍ତ ଭାଷଣରେ କହିଲେ ଯେ, ଇଗ୍ନୋ ହେଉଛି ଏକ ଅଦ୍ୱିତୀୟ ବିଶ୍ୱବିଦ୍ୟାଳୟ, ଯାହା ୩୪ଲକ୍ଷ ଛାତ୍ର ଛାତ୍ରୀଙ୍କ ଶିକ୍ଷାର ଆବଶ୍ୟକତାକୁ ପୂରଣ କରି ଘରେ ଘରେ ଶିକ୍ଷାକୁ ପହଞ୍ଚାଇ ପାରିଛି । ଏହି ଅବସରରେ ୨ ଲକ୍ଷ ୩୧ ହଜାର ୬ ଶହ ୬୨ କୃତୀ ଛାତ୍ରଛାତ୍ରୀଙ୍କୁ ଉପାଧି ପ୍ରଦାନ କରି ସେ କହିଲେ ଯେ, ଯେଉଁ ସଫଳତା ସେମାନେ ହାସଲ କରିଛନ୍ତି ସେହି ସଫଳତା ପଛରେ ତାଙ୍କ ପରିବାରର ସ୍ୱପ୍ନ ନିହିତ ଅଛି । ତେଣୁ ସମସ୍ତେ ସେହି ସ୍ୱପ୍ନକୁ ଭୁଲିଯିବା ଉଚିତ ନୁହେଁ। ସେ କହିଲେ ଯେ ଦୀକ୍ଷାନ୍ତ ହେଉଛି ଦୀକ୍ଷାର ଅନ୍ତ ଏବଂ ଅନ୍ତ ପରେ ହିଁ ଆରମ୍ଭ । ତେଣୁ ପ୍ରକୃତ ପରୀକ୍ଷା ଉପାଧି ପାଇବା ପରେ ହିଁ



ଆରମ୍ଭ ହୋଇଥାଏ। ସମସ୍ତଙ୍କୁ କଠିନ ପରିଶ୍ରମ କରି ନିଜକୁ ସମାଜରେ ପ୍ରତିଷ୍ଠିତ କରିବା ସହିତ ସମାଜର ଉନ୍ନତିରେ ଯୋଗଦାନ କରିବା ଉଚିତ।

ଦୀକ୍ଷାନ୍ତ ସମାରୋହର ଆଞ୍ଚଳିକ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସମୟ। ତେଣୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମୟ ସହିତ ତାଳ ଦେଇ ଅଗ୍ରଗତି କରିବାକୁ ପଡ଼ିବ ବୋଲି ମତ ଦେଇଥିଲେ। ଆଞ୍ଚଳିକ କେନ୍ଦ୍ରର ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ୯୪୫୨ କୃତି ଛାତ୍ରଛାତ୍ରୀଙ୍କୁ ଉପାଧି ପ୍ରଦାନ କରାଯାଇଥିଲା। ଉପ ନିର୍ଦ୍ଦେଶକ ବିମଳ ଚନ୍ଦ୍ର ନନ୍ଦ ଅତିଥି ପରିଚୟ ଓ ଉପ ନିର୍ଦ୍ଦେଶକ ସନ୍ତୋଷ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ...ା କୃଷ୍ଣଚନ୍ଦ୍ର ଗଜପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ...ପ୍ରୀତି ଓ ସୁଶାସନ ପାଇଁ ସ୍ମରଣୀୟ...

27-04-2022 07:18